# ଓଡ଼ିଶୀ ନୃତ୍ୟ ସମ୍ଭାରରେ ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର : ତା ୧୪.୦୧.୨୦୧୮** – ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ନିବେଦିତ ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ୨୦୧୮, ଦଶମ ଶତାବ୍ଦୀରେ ନିର୍ମିତ କାରୁକାର୍ଯ୍ୟପୂର୍ଣ୍ଣ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ମିଳିତ ସହଯୋଗରେ ଉଦ୍‌ଘାଟିତ ହୋଇଯାଇଅଛି । ଓଡ଼ିଶୀ ନୃତ୍ୟ ତଥା ଓଡ଼ିଶାର କଳା ଓ ସଂସ୍କୃତିକୁ ଆନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ । ତିନିଦିନ ଧରି ହେବାକୁ ଥିବା ଏହି ନୃତ୍ୟ ଉତ୍ସବରେ ଜାତୀୟ ଓ ଆନ୍ତର୍ଜାତୀୟ ଖ୍ୟାତି ସମ୍ପର୍ଣ୍ଣ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟକୁ ତିନୋଟି ପର୍ଯ୍ୟାୟରେ ଯଥା ଏକକ, ଦ୍ୱୈତ ଓ ଦଳଗତ ଭାବରେ ପରିବେଷଣ କରିବେ ।

ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ନମ୍ରତା ମେହେତାଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ । ତାଙ୍କର ପ୍ରଥମ ପ୍ରସ୍ତୁତି ଥିଲା ରାଗ ଆଭୋଗୀ ଉପରେ ପର୍ଯ୍ୟବେଶିତ **ମୁକ୍ତେଶ୍ୱର ବନ୍ଦନା**, ପରେ ପରେ ତାଙ୍କର ପ୍ରସ୍ତୁତିରେ ଥିଲା **ମଧମା ପଲ୍ଲବୀ** ଏବଂ ଶେଷରେ ଅଭିନୟ ଗୀତଗୋବିନ୍ଦରୁ ଉଦ୍ଧୃତ **କିଶଳୟ ଶୟନ ତଳେ** । ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ବିଜନ ପଲାଇ ଓ ରୁଦ୍ର ପ୍ରସାଦ ସ୍ୱାଇଁଙ୍କ ଦ୍ୱାରା **ଖମାଜ ପଲ୍ଲବୀ** ଓ ଅଭିନୟ **ସଖା ବୋଧ** ପରିବେଶିତ ହୋଇଥିଲା । ଉଦ୍‌ଘାଟନୀ ସଂଧ୍ୟାର ଶେଷ ପ୍ରସ୍ତୁତି ଥିଲା ରୋଜାଲିନ ମହାପାତ୍ର ଓ ସାଥୀଙ୍କ ଦ୍ୱାରା ଦଳଗତ ନୃତ୍ୟ କାର୍ଯ୍ୟକ୍ରମ । ସେମାନଙ୍କର ପ୍ରଥମ ପ୍ରସ୍ତୁତି ଥିଲା ନଟରାଜଙ୍କ ଉପରେ ସର୍ମପିତ **ଭୋ ଶମ୍ଭୋ** ପରେ ପରେ ଅଭିନୟରେ ରାମାୟଣରୁ ଉଦ୍ଧୃତ **ସୂପର୍ଣ୍ଣରେଖା ବଧ** । ସଂଧ୍ୟାର ସମସ୍ତ ପ୍ରସ୍ତୁତି ଅତ୍ୟନ୍ତ ମନୋରମ ଓ ଚିତାକର୍ଷକ ଥିଲା ଯାହାକୁ ଦର୍ଶକ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ଉପଭୋଗ କରିଥିଲେ ।

ଉଦ୍‌ଘାଟନୀ ସଂଧ୍ୟାର ଏହି ମନୋରମ କାର୍ଯ୍ୟକ୍ରମକୁ ବହୁ ସଂଖ୍ୟାରେ ଦର୍ଶକମାନେ ଉପଭୋଗ କରିଥିଲେ । ଆଜି ସନ୍ଧ୍ୟାରେ ଅତିଥି ଭାବରେ ପ୍ରଦୀପ ପ୍ରଜ୍ୱୋଳନ କରିଥିଲେ ଗୁରୁ ବନମାଳୀ ମହାରଣା, ସୁରେନ୍ଦ୍ର ନାଥ ପଶୁପାଳକ, ତ୍ରିବିକ୍ରମ ପ୍ରଧାନ, ପୂର୍ବତନ ରାଷ୍ଟ୍ରଦୂତ ଡ଼. ଲଳୀତ ମାନସିଂହ ଏବଂ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଡ଼. ନିତିନ୍ ଭାନୁଦାସ ଜାଓ୍ୱଲେ । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼. ଶ୍ରୀନିବାସ ଘଟୁଆରୀ ଓ ଅନୁଜା ତାରିଣୀ ମିଶ୍ର । ପର୍ଯ୍ୟଟନ ବିଭାଗର ଉପ ନିର୍ଦ୍ଦେଶକ, ସହ ନିର୍ଦ୍ଦେଶକ, ପର୍ଯ୍ୟଟନ ଅଧିକାରୀ ଓ ଓଡ଼ିଶା ପର୍ଯ୍ୟଟନ ନିଗମର ମହା ପରିଚାଳକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।